# Akashvani, Sambalpur

## SAMBALPURI NEWS BULLETIN

### 31 December 2025 – 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- ଧନୁଯାତ୍ରା        ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ/ ବର୍‌ଗଡ୍‌

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବର୍‌ଗଡ୍ ଧନୁଯାତ୍ରା ମହୋତ୍ସବ୍‌ଥି ଗଲାକାଏଲ୍ ରଙ୍ଗମହଲ୍ ନ ରାଜଅତିଥି ଭାବେ ଯୋଗ୍ ଦେଇକରି କଂସ ମହାରାଜ୍‌ଙ୍କୁ ବର୍‌ଗଡ୍ ଲାଗି ବିକାଶ୍ ପ୍ରକଳ୍ପର୍ ହିସାବ୍ ଦେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୧ ହଜାର୍ ୩ ଶହ ୬୨ କୋଟି ନୁ ଅଏତ୍‌କା ଟଙ୍କାର୍ ଶହେ ୨୩ ଟା ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କରିଛନ୍ । ରଙ୍ଗମହଲ୍ ନ ମୁଖ୍ୟମନ୍ତ୍ରୀ ବର୍‌ଗଡ୍ ଜିଲ୍ଲା ଲାଗି ମଞ୍ଜୁର୍ ହେଇଥିବା ୩ ଶହ ୮୦ କୋଟି ଟଙ୍କାର୍ ୪ ଟା ପ୍ରକଳ୍ପ ଭିଲ୍ ଘୋଷ୍‌ନା କରିଛନ୍ । ରଙ୍ଗମହଲ୍ ମଚାନ୍‌ନୁ ମୁଖ୍ୟମନ୍ତ୍ରୀ ଦୁର୍ନୀତିଖୋର୍‌ଙ୍କୁ ଚେତାବନୀ ଦେବାର୍ ସହେତେ କହିଛନ୍, ଧନୁଯାତ୍ରା ହେଉଛେ ଭାରତ୍‌ର ସାଂସ୍କୃତିକ୍, ଅର୍ଥନୈତିକ୍ ମୋଡ୍‌େଲ୍‌ର ଉଦାହରଣ୍ । ଧନୁଯାତ୍ରାକେ ୟୁନେସ୍କୋ ମାଏନ୍‌ତା ଲାଗି ଚେରେଷ୍ଟା କରାଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ, ଜିଲ୍ଲାର୍ ବିଧାୟକ୍‌ମାନ୍‌କର୍ ସହେତେ ଅଲ୍‌ଗାମାନେ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ- ବର୍‌ଗଡ଼୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟସ୍ତରୀୟ ବୀରତା ଦିବସ୍- ୨୦୨୫ ଆଉ ଶହୀଦ୍ ମାଧୋ ସିଂ ସ୍ମୃତି ସମାରୋହ ବର୍‌ଗଡ଼୍ ଜିଲ୍ଲାର୍ ଘେଁସ୍ ନ ଆଏଜ୍ ଆୟୋଜନ୍ କରାଯାଉଛେ । ଅନୁସୂଚିତ ଜାତି, ଜନଜାତି ଉନ୍ନୟନ୍ ବିଭାଗ୍ ତର୍‌ଫୁ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଭିଲ୍ ଯୋଗ୍‌ଦେବେ ବଲି ଜନାପଡ଼ିଛେ ।

ମଡ଼ିଆ-ଶ୍ରୀଅନ୍ନ ଅଭିଯାନ I&PR

ରାଏଜେ ଆଏବା କାଏଲ୍‌ଠାନୁ ଶ୍ରୀଅନ୍ନ ଅଭିଯାନ୍ ଜରିଏ ମଡ଼ିଆ ଘିନା ମୁଲ୍ ହେବା । ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ୍‌ତକ୍ ଚାଲ୍‌ବା । ଇ ବଛର୍ କ୍ୱିଂଟାଲ୍ ପିଛା ୪ ହଜାର୍ ୮ ଶହ ୮୬ ଟଙ୍କା ଦର୍‌ଥି ସର୍‌କାର୍ ମଡ଼ିଆ ଘିନ୍‌ବେ । ମଡ଼ିଆ ବିକ୍‌ଲା ଉତ୍‌ରୁ ଚାଷୀମାନେ ଆଧାର୍ ଲିଙ୍କ୍ ଥିବା ବେଙ୍କ୍ ଖାତା ଜରିଏ ନିଜର୍ ପ୍ରାପ୍ୟ ପାଇପାର୍‌ବେ । ଇ ବାବ୍‌ଦେ

ଅଏତ୍‌କା ଜାନ୍‌ବାର୍ ଲାଗି ଚାଷୀମାନେ ପାଖର୍ ବ୍ଲକ୍ କୃଷି ଅଧିକାରୀଙ୍କର୍ ସାଙ୍ଗେ ଯୋଗାଯୋଗ୍ କରିପାର୍‌ବେ ବଲି କୃଷି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କୃଷି ଲାଭାଂଶ I&PR

ଓଡ଼ିଶା କୃଷି ଶିଳ୍ପ ନିଗମ୍, ରାଜ୍ୟ ବିହନ୍ ନିଗମ୍ ଲିମିଟେଡ୍ ଆଉ ରାଜ୍ୟ କାଜୁ ଉନ୍ନୟନ୍ ନିଗମ୍ ତର୍‌ଫୁ ୬ କୋଟି ୩୯ ଲାଖ୍ ୯୭ ହଜାର୍ ୫ ଶହ ୮୯ ଟଙ୍କାର୍ ଲାଭାଂଶ ରାଜ୍ୟ ସର୍‌କାର୍‌ଙ୍କୁ ଦିଆଯାଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଉପସ୍ଥିତିଥି ରାଜ୍ୟ ସର୍‌କାର୍‌ଙ୍କୁ ଇ ଲାଭାଂଶୁ ହସ୍ତାନ୍ତର୍ କରାଯାଇଛେ ।

୧୦, ୧୨ ପରୀକ୍ଷା କାର୍ଯ୍ୟସୂଚୀ ପରିବର୍ତ୍ତନ୍/ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ପରିଚାଳିତ୍ ୧୦ ଆଉ ୧୨ ଶ୍ରେଣୀ ପରୀକ୍ଷା କାର୍ଯ୍ୟସୂଚୀଥି ପରିବର୍ତ୍ତନ୍ କରାଯାଇଛେ । ମାର୍ଚ୍ଚ ୩ ତାରିଖ୍ ହେବାର୍‌କେ ଥିବା ୧୦ ଶ୍ରେଣୀର୍ ଏନ୍‌ସିସି, ଏଲିମେଂଟ୍‌ସ୍ ଅଫ୍ ବୁକ୍ କିପିଂ ଆଣ୍ଡ ଆକାଉଂଟାନ୍ସି ସହେତେ ୧୧ ଭାଷା ପରୀକ୍ଷା ସୂଚୀଥି

ପରିବର୍ତନ୍ କରାଯାଇକରି ମାର୍ଚ୍ଚ ୧୧ ତାରିଖ୍ କର୍‌ବାର୍‌କେ ଧାରିଜ୍ କରାଯାଇଛେ । ସେହିଦିନ ହେବାର୍‌କେ ଥିବା ୧୨ ଶ୍ରେଣୀର୍ ଲିଗାଲ୍ ଷ୍ଟଡିଜ୍ ପରୀକ୍ଷାକେ ଏପ୍ରିଲ୍ ୧୦ ତାରିଖ୍ କରାଯିବା ବଲି ବୋର୍ଡ୍‌ର ବିଜ୍ଞପ୍ତିଥି କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଫେବୃଆରୀ ୧୭ ତାରିଖ୍‌ନୁ ବୋର୍ଡ୍ ପରୀକ୍ଷା ମୁଲ୍ ହେଇକରି ୯ ତାରିଖ୍‌ତକ୍ ଚାଲ୍‌ବା ।

ନୂଆବଛର୍-ଶ୍ରୀମନ୍ଦିର୍ ତୟାରି I&PR

ଇଂରାଜୀ ନୂଆବଛର୍ ଅବ୍‌ସରେ ଆଏବା କାଏଲ୍ ମାହାପୁରୁମାନ୍‌କର୍ ଦର୍ଶନ୍ ଲାଗି ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ଶ୍ରଦ୍ଧାଲୁଙ୍କର୍ ଭିଡ୍ ଲାଗି ରହେବା । ଇଥିର୍‌ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜବର୍ ତୟାରି କରାଯାଇଛେ । ନୂଆଁବଛର୍ ଅବ୍‌ସରେ ଶାନ୍ତିଶୃଙ୍ଖଲାର୍ ସହେତେ ଭକ୍ତଙ୍କର୍ ଲାଗି ଗଲାକାଏଲ୍ ମୁଖ୍ୟଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ଯୋଗ୍ ଦେଇକରି ମୁଖ୍ୟ ଶାସନ୍ ସଚିବଙ୍କୁ ନୂଆବଛର୍ ଲାଗି ପ୍ରଶାସନ୍‌ର ତୟାରି ବାବ୍‌ଦେ ସୂଚ୍‌ନା ଦେଇଛନ୍ । ଆଏଜ୍ ରାତି ୧୧ ବଜେନୁ ରାତିର୍ ୨ ବଜେତକ୍ ମାହାପୁରୁମାନ୍‌କର୍ ପହୁଡ଼ ନୀତି ହେବା । ୨ ବଜେ ଦ୍ୱାରଫିଟା ନୀତି କରାଯାଇକରି ଭକ୍ତମାନ୍‌କର୍ ଦର୍ଶନ୍ ଲାଗି ମନ୍ଦିର୍ ଖୁଲାଯିବା ।

ଓଡ଼ିଶୀ ନୃତ୍ୟ ମହୋତ୍ସବ       I&PR

ଭୁବ୍‌ନେଶ୍ୱର୍ ଗୁରୁ କେଲୁଚରଣ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ତରଫୁ ହେଇଥିବା ଓଡ଼ିଶୀ ନୃତ୍ୟ ମହୋତ୍ସବ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସନ୍ଧ୍ୟାଥି ଗୁରୁ ଆଲୋକା କାନୁନ୍‌ଗୋ ରାସେଶ୍ୱରୀଙ୍କର୍ ରାସଲୀଲାକେ ଓଡ଼ିଶୀ ନୃତ୍ୟଥି ରୂପାନ୍ତରିତ କରିଥିଲେ । ତାଙ୍କର୍ ନାଚ୍‌ଥି ଦର୍ଶକ୍‌ମାନେ ବିଭୋର୍ ହେଇଯାଇଥିଲେ । ମହୋତ୍ସବ୍‌ଥି ଦେଶ୍ ବିଦେଶ୍‌ନୁ ୩ ଶହ ୫୦ ନୁ ଅଏତ୍‌କା ନୃତ୍ୟ ଶିଳ୍ପୀ ଭାଗ୍ ନେଇଥିଲେ ।

ଲୋକ୍‌ମହୋତ୍ସବ       ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍ ଲାଗି ଗଲାକାଏଲ୍ ସହରର୍ ଅଇଁଠାପାଲି ବିର୍ସାମୁଣ୍ଡା ପଡ଼ିଆ ନ ଭୂମିପୂଜନ୍ ଆଉ ଶୁଭସ୍ତମ୍ଭ ଥାପ୍‌ନା ହେଇଯାଇଛେ । ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ ଆଉ ମା ପାଟଣେଶ୍ୱରୀଙ୍କର୍ ମନ୍ଦିର୍‌ନୁ ପୂଜାର୍ଚ୍ଚନା ଉତ୍‌ରୁ ଆଜ୍ଞାମାଲ୍ ନିଆଯାଇକରି ମହୋତ୍ସବ୍ କମିଟିର୍ କର୍ମକର୍ତାମାନେ ବିର୍ସାମୁଣ୍ଡା ପଡ଼ିଆକେ ପୁହୁଁଚିଥିଲେ । ମହୋତ୍ସବର୍ ନୋଡ଼ାଲ୍ ଅଧିକାରୀ ଆଉ ସମ୍ବଲ୍‌ପୁର୍

ମହାନଗର୍ ନିଗମ୍ ଆୟୁକ୍ତ ରେହାନ୍ କ୍ଷେତ୍ରୀ ମୁଖ୍ୟକର୍ତା ଭାବେ ଭୂମି ପୂଜନ୍ କରିଥିଲେ । ସୂଚ୍‌ନା ଅନ୍‌ସାରେ ଆଏବା ୪ ତାରିଖ୍‌ନୁ ୬ ତାରିଖ୍‌ତକ୍ ମହୋତ୍ସବ୍ ହେବା ।

ମତ୍ସ୍ୟ/ପ୍ରାଣୀ ସମ୍ପଦ୍ ମେଳା          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ଲାଲ୍ ବାହାଦୂର୍ ଶାସ୍ତ୍ରୀ ଷ୍ଟାଡ଼ିୟମ୍ ନ ୨ ଦିନିଆ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ମେଳା ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର୍ ନୀରଦ୍ ଚନ୍ଦ୍ର କହଁର୍‌ଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗ୍ ଦେଇଥିଲେ ।